# ମୁଖ୍ୟମନ୍ତ୍ରୀଙ୍କ କନ୍ଧମାଳ ପ୍ୟାକେଜ୍ – ଗାଲୁଆଙ୍କ ବାରବାଟି ଚାଷ

ଗତ ଅଗଷ୍ଟ ୨୩ରେ ଲକ୍ଷ୍ମଣାନନ୍ଦ ଓ ତାଙ୍କର ଚାରି ସହଯୋଗୀଙ୍କୁ ସରକାରୀ ବୟାନ୍ ଅନୁଯାୟୀ ସନ୍ଦିଗ୍ଧ ମାଓବାଦୀଙ୍କ ଦ୍ୱାରା ହତ୍ୟା କରାଗଲା କିନ୍ତୁ ଏହାଭିତରେ ପ୍ରାୟ ୪୦ଦିନ ସମୟ ବିତିଯାଇଥିଲେ ବି ପ୍ରକୃତ ଅପରାଧୀଙ୍କୁ ଧରିବା କ୍ଷେତ୍ରରେ ସରକାର ପାଦେ ମଧ୍ୟ ଅଗ୍ରସର ହୋଇନାହାନ୍ତି । ଏହା ଆହୁରି ଅଧିକ ଦୁର୍ଭାଗ୍ୟଜନକ, ସରକାରୀ ବୟାନ୍ ସହିତ ତାଳ ମିଳାଇ ଖୋଦ୍ ମାଓବାଦୀ ମାନେ ଏହି କାଣ୍ଡ ଘଟାଇଛନ୍ତି ବୋଲି ନିଜେ ଏକାଧିକ ବାର ସ୍ୱୀକାର କରିଥିଲେ ହେଁ, ରାଜ୍ୟସରକାରଙ୍କ ଭାଗୁଆଳି ଦଳ ବି.ଜେ.ପି. ସହ ସଂପୃକ୍ତ କେତେକ ହିନ୍ଦୁତ୍ୱବାଦୀ ଗୋଷ୍ଠୀ ମନମୁଖୀ ଭାବେ ଖ୍ରୀଷ୍ଟିଆନ୍ ସଂପ୍ରଦାୟଙ୍କୁ ଦାୟୀ କରି ସେମାନଙ୍କୁ ଓଡିଶା ମାଟିରୁ ନିର୍ମୂଳ କରିବାର ଅଭିଯାନ ଚାଲୁରଖିଛନ୍ତି । ଏପରିକି ବି.ଜେ.ପି.ର ଜାତୀୟ ସଭାପତି ଶ୍ରୀ ଲାଲକୃଷ୍ଣ ଆଡ୍‌ଭାନୀ ଗତ ୨୪ତାରିଖରେ ଭୁବନେଶ୍ୱର ଆସି ଯେଉଁ ବକ୍ତବ୍ୟ ରଖିଥିଲେ, ତାହ ପରୋକ୍ଷରେ ଉକ୍ତ ହିନ୍ଦୁତ୍ୱବାଦୀ ଅଭିଯାନକୁ ହିଁ ଖୋରାକ୍ ଯୋଗାଇଛି । କାରଣ, ସେ କହିଥିଲେ, ଯଦିଓ ଖ୍ରୀଷ୍ଟିଆନ୍‌ମାନଙ୍କ ବିରୁଦ୍ଧରେ ଘଟିଥିବା ହିଂସାକାଣ୍ଡ ନିନ୍ଦନୀୟ, ଏହା ଲକ୍ଷ୍ମଣାନନ୍ଦଙ୍କ ହତ୍ୟାର ପ୍ରତିକ୍ରିୟା ଛଡା ଆଉକିଛି ନୁହେଁ । ଏଠାରେ ଉଲ୍ଲେଖନୀୟ ଯେ, ବହୁ ରାଜନୈତିକ ଦଳ ଓ ଖ୍ରୀଷ୍ଟିଆନ୍ ସଂଗଠନମାନେ ସମସ୍ୱରରେ ସି.ବି.ଆଇ. ତଦନ୍ତ ଦାବୀ କରୁଥିବା ବେଳେ ମୂଳରୁ ବିଶ୍ୱ ହିନ୍ଦୁ ପରିଷଦର ଶ୍ରୀ ପ୍ରବୀଣ ତୋଗାଡିଆ ଓ ରାଜ୍ୟ ବି.ଜେ.ପି. ଦଳ କୌଣସି କାରଣ ନଦେଖାଇ ଏହି ନ୍ୟାଯ୍ୟ ଦାବୀକୁ ବିରୋଧ କରିଆସୁଛନ୍ତି । ସୁତରାଂ ଏହା ମନେ ହେବା ସ୍ୱାଭାବିକ ଯେ, ହିନ୍ଦୁତ୍ୱ ଗୋଷ୍ଠୀ ନିଜର 'ସ୍ୱାମିଜୀ'ଙ୍କ ହତ୍ୟାକାରୀଙ୍କୁ ଧରିବା ପାଇଁ ଯେତେ ଆଗ୍ରହୀ ନୁହଁନ୍ତି, ସେମାନେ ବେଶୀ ବ୍ୟାକୁଳ 'ସ୍ୱାମିଜୀ'ଙ୍କ ହତ୍ୟାର ଦ୍ୱାହି ଦେଇ ଖ୍ରୀଷ୍ଟିଆନ୍ ମାନଙ୍କୁ ନିର୍ମୂଳ କରିବାକୁ । ଏହି ପରିସ୍ଥିତିରେ ରାଜ୍ୟ ସରକାରଙ୍କ ପ୍ରମୁଖ ଦଳ ବି.ଜେ.ଡି.ର ସଭାପତି ଶ୍ରୀ ନବୀନ ପଟ୍ଟନାୟକ ନିଜର ନିର୍ବାଚନ ସ୍ୱାର୍ଥ ଦୃଷ୍ଟିରୁ ଅଂଶୀଦାର ଦଳର ହିନ୍ଦୁତ୍ୱ ଏଜେଣ୍ଡାକୁ ମୁକାବିଲା ନକରି ତଥା ନିଜେ ସଂଖ୍ୟାଗରିଷ୍ଠ ହିନ୍ଦୁ ଭୋଟ୍ ପାଇବାର ଆଶା ରଖି ହିନ୍ଦୁତ୍ୱବାଦୀ ଦୁର୍ବୃତ୍ତବାହିନୀଙ୍କୁ ଖ୍ରୀଷ୍ଟିଆନ୍-ମାରଣ ଅଭିଯାନ ଚଳାଇ ରଖିବାକୁ ପ୍ରକାରାନ୍ତରେ ପ୍ରୋତ୍ସାହନ ଦେଇଚାଲିଛନ୍ତି । ଏହାର ପ୍ରମାଣ, ସେ ନିଜେ ଦୁଇଥର କନ୍ଧମାଳ ଯାଇ ପ୍ରତିଥର କହିଛନ୍ତି ଦୁର୍ବୃତ୍ତଙ୍କୁ ଆଉ ବରଦାସ୍ତ କରାଯିବ ନାହିଁ, କିନ୍ତୁ ତାଙ୍କର ଗସ୍ତ ପରେ ପରେ ପରିସ୍ଥିତି ଅଧିକ ବିସ୍ଫୋରକ ରୂପ ନେଇଛି । ଏବେ ନିକଟରେ ସେ କୁଇସମାଜର ନେତା ଶ୍ରୀ ଲମ୍ବୋଦର କଅଁରଙ୍କ ସହ ଆଲୋଚନା କରି କନ୍ଧମାଳ ଗସ୍ତ କରିଥିଲେ ଓ ତା'ପରେ ସାଂପ୍ରତିକ ହିଂସାକାଣ୍ଡର ଅବସାନ ପାଇଁ ଏକ 'କନ୍ଧମାଳ' ପ୍ୟାକେଜ୍ ଘୋଷଣା କଲେ । ଚକାପାଦରେ ଅନୁଷ୍ଠିତ ଏକ ସାଧାରଣ ସଭାରେ କଅଁର ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ପ୍ୟାକେଜ୍‌କୁ ସ୍ୱାଗତ ଜଣାଇବା ସହ ଶାନ୍ତି ଫେରାଇ ଆଣିବା ସକାଶେ ନିଜର କନ୍ଧଭାଇମାନଙ୍କୁ ଆହ୍ୱାନ୍ କଲେ । ଏହାପରେ ଜିଲ୍ଲାପାଳଙ୍କ ଆହ୍ୱାନ୍ କ୍ରମେ କଅଁରଙ୍କ ସମେତ ବିଭିନ୍ନ ଜାତି, ଦଳ ଓ ଧର୍ମର ପ୍ରତିନିଧିଙ୍କୁ ନେଇ ଏକ ଶାନ୍ତି ବୈଠକ ଫୁଲବାଣୀରେ ଅନୁଷ୍ଠିତ ହେଲା, କିନ୍ତୁ ଦେଖାଗଲା, ମୁଖ୍ୟମନ୍ତ୍ରୀଙ୍କ ପ୍ୟାକେଜ୍ ଓ କୁଇସମାଜର ଶାନ୍ତି ସଂକଳ୍ପ ଉଭୟ ହିଁ ବୁମେରାଙ୍ଗ ହେଲା; ବୋମାମାଡ, ଗୃହଦାହ, ଲୁଟ୍‌ତରାଜ ଓ ନରହତ୍ୟା ପୂର୍ବଠାରୁ ଅଧିକ ମାତ୍ରାରେ ବଢିଚାଲିଲା । ବର୍ତ୍ତମାନ ପ୍ରଶ୍ନ ଉଠୁଛି, ମୁଖ୍ୟମନ୍ତ୍ରୀଙ୍କ ପ୍ୟାକେଜ୍ ପ୍ରକୃତରେ କ'ଣ କନ୍ଧମାଳ ନିଆଁକୁ ଲିଭାଇବାକୁ ଉଦ୍ଦିଷ୍ଟ ନା ଆହୁରି ତେଜାଇବାକୁ ?

**କନ୍ଧମାଳ ପ୍ୟାକେଜ୍**

କନ୍ଧମାଳ ପ୍ୟାକେଜ୍‌ରେ ଯେଉଁସବୁ ପ୍ରସ୍ତାବ ଅନ୍ତର୍ଭୁକ୍ତ, ସେଗୁଡିକ ଭିତରେ ଅଛି, (୧) ଦଙ୍ଗାକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ, (୨) ଜାତିଗତ ପ୍ରମାଣପତ୍ରଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ଯାଞ୍ଚ, (୩) ଆର୍.ଆଇ.ମାନଙ୍କ ଅଫିସ୍‌ରେ ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟ ଖୋଲାଯାଇ ଜମିଜମା ସମସ୍ୟାର ସମାଧାନ, (୪) ଜଣେ ଲେଖାଁ ଶିକ୍ଷକ, ଅଙ୍ଗନବାଡି କର୍ମୀ ଓ ସଂପ୍ରସାରଣ ଅଧିକାରୀଙ୍କୁ ନେଇ ଶାନ୍ତି କମିଟି ଗଠନ ଓ ଏହି କମିଟି ଦ୍ୱାରା ପ୍ରତି ଗ୍ରାମକୁ ଗସ୍ତ ପୂର୍ବକ ଲୋକମାନଙ୍କ ଭିତରେ ଶାନ୍ତି ଓ ସଦ୍‌ଭାବ ପୁନଃପ୍ରତିଷ୍ଠା, (୫) ଗ୍ରାମଛାଡି ପଳାଇଥିବା ଲୋକମାନଙ୍କୁ ସ୍ୱଗୃହକୁ ଫେରାଇ ଆଣିବା, (୬) କେନ୍ଦ୍ର ଓ ରାଜ୍ୟର ବିଭିନ୍ନ ଉନ୍ନୟନମୂଳକ ଯୋଜନାକୁ ଜିଲ୍ଲା ମଧ୍ୟରେ ସୁଚାରୁ ପରିଚାଳନା, (୭) ପାଞ୍ଚଶହ ଆଦିବାସୀଙ୍କୁ ପୋଲିସ୍ ବାହିନୀରେ ନିଯୁକ୍ତି, (୮) ଶାନ୍ତିପ୍ରତିଷ୍ଠାରେ ଆଗ୍ରହୀ ସମସ୍ତ ବ୍ୟକ୍ତି ଓ ସଂଗଠନମାନଙ୍କ ସହ ସରକାରଙ୍କ ଆଲୋଚନା । ଯଦି ଟିକେ ତଳେଇ କରି ଦେଖାଯାଏ, କେବଳ ପ୍ରଥମ ଓ ଶେଷ ପ୍ରସ୍ତାବକୁ ବାଦ୍ ଦେଲେ ଅନ୍ୟ ୬ଟି ପ୍ରସ୍ତାବ କେବଳ ଦୀର୍ଘମିଆଦି ସୂତ୍ରରେ ହିଁ କାର୍ଯ୍ୟକାରୀ ହୋଇପାରିବ । ବର୍ତ୍ତମାନର ତତଲା ପରିସ୍ଥିତିରେ ଉନ୍ନତି ଆଣିଲା ଭଳି ଏହି ପ୍ରସ୍ତାବପୁଞ୍ଜରେ କୌଣସି ଠୋସ୍ ଉପାଦାନ ନାହିଁ ।

**ଉଦ୍ଭଟ ପ୍ରସ୍ତାବପୁଞ୍ଜ**

ଉଦାହରଣ ସ୍ୱରୂପ, ଯେତେବେଳେ ଦଙ୍ଗାକାରୀଙ୍କ ବ୍ୟାପକ ହିଂସାକାଣ୍ଡ ଯୋଗୁଁ ଅନେକ ଲୋକେ ଗାଁ ଛାଡି ଏପରିକି ଜିଲ୍ଲା ବାହାରକୁ ଓ ଅଜଣା ଜାଗାଗୁଡିକୁ ଚାଲିଯାଇଛନ୍ତି, ସେମାନଙ୍କର ଜାତିଗତ ପ୍ରମାଣପତ୍ର କିପରି ଯାଞ୍ଚ କରାଯିବ ? ପୁଣି ଯେଉଁ ହଜାର ହଜାର ଖ୍ରୀଷ୍ଟିଆନ୍‌ମାନେ ବର୍ତ୍ତମାନ ଜୀବନ ବିକଳରେ ଶରଣାର୍ଥୀ ଶିବିରରେ ଆଶ୍ରୟ ନେଇଛନ୍ତି, ଓ ପ୍ରତି ମୁହୂର୍ତ୍ତରେ ପାଣି ଓ ଖାଦ୍ୟରେ ବିଷମିଶ୍ରଣ ତଥା ଚତୁର୍ପାର୍ଶ୍ୱରେ ବୋମାମାଡ ଯୋଗୁଁ ଆତଙ୍କିତ ଅବସ୍ଥାରେ ଅଛନ୍ତି, ସେମାନଙ୍କର ପ୍ରମାଣପତ୍ର ସେଠାରେ ବା ଆଉ କେଉଁଠି କିପରି ଯାଞ୍ଚ କରାଯିବ ? ପ୍ୟାକେଜ୍‌ରେ ପୁଣି କୁହାଯାଇଛି, ଆର୍.ଆଇ.ଅଫିସ୍‌ରେ ଜମିଜମା ବିବାଦର ଫଇସଲା ହେବ । କିନ୍ତୁ ଏକଥା କ'ଣ ସରକାରଙ୍କୁ ଅଜଣା ଯେ, ଯେଉଁ କେତେକ ବ୍ୟକ୍ତି ଶିବିରରୁ ସାହାସର ସହିତ ନିଜ ଘରକୁ ଫେରୁଥିଲେ, ବାଟରେ ସେମାନଙ୍କୁ ହାଣିହାଣି ହତ୍ୟା କରାଗଲା ଓ ପୋଲିସ୍ ଅଦୂରରେ ଉପସ୍ଥିତ ଥାଇ ମଧ୍ୟ କିଛି କରିପାରିଲା ନାହିଁ । ତେଣୁ ଥରେ ସେମାନେ ଜାତି-ପ୍ରମାଣପତ୍ର ଯାଞ୍ଚ ପରିପ୍ରେକ୍ଷୀରେ ଶିବିରରୁ ବାହାରିଲେ ସେମାନଙ୍କର ଜୀବନର ସୁରକ୍ଷା କିଏ ଦେବ ? ପୁଣି ସର୍ବୋପରି ଯେତେବେଳେ ସମସ୍ତ ଶରଣାର୍ଥୀମାନେ ଗୃହଶୂନ୍ୟ ଓ ନିସ୍ୱ ହୋଇ ଅହରହ ଆତଙ୍କିତ ଅବସ୍ଥାରେ କେବଳ ପ୍ରଭୁଙ୍କ ଭରସାରେ ବଞ୍ଚି ରହିଛନ୍ତି, ଜମିଜମା କେଶ୍‌ରେ ହାଜିର୍ ହେବା ପାଇଁ ସେମାନଙ୍କ ଭିତରେ ମାନସିକ ସ୍ଥିତି ଅଛି କି ? ମୁଖ୍ୟମନ୍ତ୍ରୀଙ୍କର ଏହି ପ୍ରସ୍ତାବ ପଛରେ ଏକ ଅମାନୁଷିକ ମନୋଭାବ କାମ କରୁଛି- ନଇଁ ପଡିଥିବ, ଯେତେବେଳେ, ବିଧାଏ ଦେବଟି ସେତେବେଳେ । ଆଉ ଏକ ପ୍ରସ୍ତାବ ଅତ୍ୟନ୍ତ ହାସ୍ୟାସ୍ପଦ ମନେହୁଏ- ଗାଁ ଛାଡି ପଳାଇଥିବା ଲୋକଙ୍କୁ ସ୍ୱଗୃହକୁ ଫେରାଇ ଆଣିବା । ସେମାନେ କ'ଣ ସରକାରଙ୍କ ଉପରେ ଅଭିମାନ କରି ଗାଁରୁ ପଳେଇଛନ୍ତି ଯେ ସରକାର ନେହୁରା କରିବା ମାତ୍ରେ ପୁଣି ବାହୁଡି ଆସିବେ ? ଏହି ଲେଖକ ଗତ ସେପ୍ଟେମ୍ବର ୧୫ ଓ ୧୬ ତାରିଖରେ କନ୍ଧମାଳର ବିଭିନ୍ନ ସ୍ଥାନରେ ବୁଲି ଦେଖିଛି, ଦୁର୍ବୃତ୍ତମାନେ ଖ୍ରୀଷ୍ଟିଆନ୍‌ମାନଙ୍କ ଘରଗୁଡିକୁ କେଉଁଠି ଧୂଳିସାତ୍ କରିଛନ୍ତି ତ ଆଉ କେଉଁଠି ଭସ୍ମୀଭୂତ, ସେମାନଙ୍କର ଟଙ୍କାପଇସା ଓ ଗହଣାଗାଣ୍ଠି ସହ ସମସ୍ତ ମୂଲ୍ୟବାନ ସାମଗ୍ରୀ ତଥା ଗୃହପାଳିତ ପଶୁସମ୍ପଦ ଲୁଟି ନେଇଛନ୍ତି ତଥା ବ୍ୟବହୃତ ଖଟ ଓ ବିଛଣା ତଥା ପାଠ୍ୟପୁସ୍ତକ ଓ ଧର୍ମପୁସ୍ତକଗୁଡିକୁ ଜାଳି ଦେଇଛନ୍ତି । 'ସ୍ୱଗୃହ' ଥିଲେ ସିନା ସେମାନେ ସେଠାକୁ ଫେରିବେ ! ମୁଖ୍ୟମନ୍ତ୍ରୀଙ୍କର ଆଉ ଏକ ପ୍ରସ୍ତାବ ହେଲା, ତିନିଜଣିଆ କର୍ମଚାରୀ କମିଟି ପ୍ରତି ଗାଁକୁ ଯାଇ ଶାନ୍ତି ପାଇଁ ବୁଝାଇବେ । କିନ୍ତୁ, ବର୍ତ୍ତମାନ ଦୁର୍ବୃତ୍ତମାନେ ଯେପରି ଉଦ୍‌ବାର୍ଯ୍ୟ ହୋଇ କି ଖ୍ରୀଷ୍ଟାନ୍ କି ହିନ୍ଦୁ, କି କନ୍ଧ କି ପାଣ, କି ପୁରୁଷ କି ମହିଳା, କି ପିଲା କି ବୁଢା, ଏବଂ ଏପରିକି ସରକାର ଓ ମିଲିଟାରିରେ ଚାକିରୀ କରୁଥିବା ଗ୍ରାମବାସୀଙ୍କ ଉପରେ ତାଲିବାନୀ ଷ୍ଟାଇଲ୍‌ରେ ଆକ୍ରମଣ କରୁଛନ୍ତି, ସେହି ସ୍ଥିତିରେ ନିମ୍ନ କର୍ମଚାରୀମାନଙ୍କୁ ନେଇ ଗଠିତ ୩ଜଣିଆ କମିଟି ଉପରେ ଶାନ୍ତି ପୁନଃପ୍ରତିଷ୍ଠାର ଦାୟିତ୍ୱ ନ୍ୟସ୍ତ କରିବା କେତେଦୂର ବାସ୍ତବ ?

**କୁଇସମାଜର ମୁଖ୍ୟ ଦାବୀକୁ ଉପେକ୍ଷା**

କଅଁରଙ୍କ ସହ ସରକାରଙ୍କ ଆଲୋଚନାରେ ତଥା ପରେ ଚକାପାଦରେ ଅନୁଷ୍ଠିତ ସାଧାରଣ ସଭାରେ କୁଇସମାଜର ଯେଉଁ ଦାବୀଟି ପ୍ରମୁଖ ସ୍ଥାନ ଗ୍ରହଣ କରିଥିଲା, ତାହା ହେଲା, ଲକ୍ଷ୍ମଣାନନ୍ଦଙ୍କ ହତ୍ୟାକାରୀକୁ ଠାବ କରିବା । ଏହି ଲେଖକ ମତରେ, ତାହା ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ପ୍ୟାକେଜ୍ ମଧ୍ୟରେ ଏକ ପ୍ରମୁଖ ସ୍ଥାନ ପାଇବା ଉଚିତ୍ ଥିଲା । କାରଣ, ଏହା କେବଳ କୁଇସମାଜର ଦାବୀ ନୁହେଁ, ସମସ୍ତ ରାଜନୈତିକ ଦଳ ଏବଂ ଦେଶର ସମସ୍ତ ଖ୍ରୀଷ୍ଟିଆନ୍ ଗୋଷ୍ଠୀ, ଯେଉଁମାନେ କି ଲକ୍ଷ୍ମଣାନନ୍ଦଙ୍କ ବର୍ବରୋଚିତ ହତ୍ୟାକୁ ଦୃଢ ନିନ୍ଦା କରିବା ସହିତ ତାଙ୍କର ଆତ୍ମାର ସଦ୍‌ଗତି ପାଇଁ ମଧ୍ୟ ଚର୍ଚ୍ଚରେ ପ୍ରାର୍ଥନା କରିଛନ୍ତି, ସେମାନଙ୍କର ମଧ୍ୟ ନିର୍ବିବାଦ ଦାବୀ । ବସ୍ତୁତଃ ଯେପର୍ଯ୍ୟନ୍ତ ସରକାର ଲକ୍ଷ୍ମଣାନନ୍ଦ ହତ୍ୟା ପଛରେ ଥିବା ସତ୍ୟାସତ୍ୟକୁ ଉପଯୁକ୍ତ ତଦନ୍ତ ପ୍ରକ୍ରିୟା ବଳରେ ଲୋକଲୋଚନକୁ ଆଣିନାହାନ୍ତି, ସେପର୍ଯ୍ୟନ୍ତ କେବଳ କୁଇ କି ହିନ୍ଦୁତ୍ୱବାଦୀ କି ଖ୍ରୀଷ୍ଟିଆନ୍ ସମାଜ ନୁହେଁ ରାଜ୍ୟର ସାଧାରଣ ଜନତାଙ୍କ ଭିତରେ ଅସନ୍ତୋଷ କୁହୁଳୁଥିବ । ବିଶେଷକରି ସେପର୍ଯ୍ୟନ୍ତ ହିନ୍ଦୁତ୍ୱବାଦୀମାନେ ଅଯଥାରେ ଖ୍ରୀଷ୍ଟିଆନ୍‌ମାନଙ୍କୁ ଦୋଷୀ କରି ସେମାନଙ୍କ ଉପରେ ବର୍ତ୍ତମାନ ଭଳି ଅକଥନୀୟ ହିଂସାକାଣ୍ଡ ଘଟାଇ ଚାଲୁଥିବେ । କିନ୍ତୁ ପ୍ରଶ୍ନ ଉଠୁଛି, ରାଜ୍ୟ ସରକାରଙ୍କ ଶିଥୀଳ ଓ ଖାମ୍‌ଖିଆଲି ତଦନ୍ତ ପ୍ରକ୍ରିୟାରେ ଖୋଦ୍ କୁସମାଜର ଆସ୍ଥା ନଥିବା ବେଳେ ରାଜ୍ୟ ସରକାର ଏହି ତଦନ୍ତର ଦାୟିତ୍ୱ ସି.ବି.ଆଇ.କୁ ଦେଉନାହାନ୍ତି କାହିଁକି ? ପୁଣି ପ୍ରଶ୍ନ ଉଠୁଛି, ବଜ୍‌ରଙ୍ଗବଲି ଭଳି ହିନ୍ଦୁତ୍ୱବାଦୀ ଗୋଷ୍ଠୀମାନେ ଯଦି ଲକ୍ଷ୍ମଣାନନ୍ଦଙ୍କ ହତ୍ୟାର ରହସ୍ୟ ଉନ୍ମୋଚନ ଚାହୁଁଥାନ୍ତି, ତେବେ ସେମାନେ ସି.ବି.ଆଇ. ତଦନ୍ତ ଦାବୀକୁ ବିରୋଧ କାହିଁକି କରୁଛନ୍ତି ? ଆଉ ଏକ ବିସ୍ମୟର କଥା, ଲକ୍ଷ୍ମଣାନନ୍ଦଙ୍କ ହତ୍ୟାର ଉପଯୁକ୍ତ ତଦନ୍ତ ଦାବୀ କରୁଥିବା କଅଁରଙ୍କ କୁଇସମାଜ ଯେତେବେଳେ ଦେଖିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ପ୍ୟାକେଜ୍ ଭିତରେ ଏହି ଦାବୀ ମୋଟେ ସ୍ଥାନିତ ହୋଇନି, ସେମାନେ ମୁଖ୍ୟମନ୍ତ୍ରୀଙ୍କ ପ୍ୟାକେଜ୍‌କୁ ସ୍ୱାଗତ କଲେ କେମିତି ? ଏକ ସଂଶୟ ଉଙ୍କିମାରିବା ସ୍ୱାଭାବିକ, କଅଁରଙ୍କ କୁଇସମାଜ ଓ ହିନ୍ଦୁତ୍ୱବାଦୀମାନେ ପ୍ରକୃତରେ କ'ଣ ଚାହାଁନ୍ତି ନି ଲକ୍ଷ୍ମଣାନନ୍ଦଙ୍କ ହତ୍ୟାର ସତ୍ୟାସତ୍ୟ ଜଣାପଡୁ ଓ ଯଥାଶୀଘ୍ର ଏକ ପ୍ରଲମ୍ବମାନ କୁହେଳିକାର ଅବସାନ ଘଟୁ ? ଅନ୍ୟ ପଟରେ ସେମାନେ କ'ଣ ଚାହାନ୍ତି, ଏହି କୁହେଳିକା ଏମିତି ଲାଗିରହୁ ଓ ସେମାନେ ଏହାର ସୁଯୋଗ ନେଇ ଖ୍ରୀଷ୍ଟିଆନ୍ ସମାଜକୁ ନିଧନ ଓ ଲୁଣ୍ଠନ କରିଚାଲନ୍ତୁ ? ଯାହା ହେଉନା କାହିଁକି, ଲକ୍ଷ୍ମଣାନନ୍ଦ ହତ୍ୟା ମାମଲାର ଉପଯୁକ୍ତ ତଦନ୍ତର ପ୍ରସଙ୍ଗକୁ ମୁଖ୍ୟମନ୍ତ୍ରୀ କନ୍ଧମାଳ ପ୍ୟାକେଜ୍ ଭିତରେ ଭର୍ତ୍ତି ନକରିବା ଦ୍ୱାରା ଏହା ସୂଚୀତ ହେଉଛି ଯେ, ସେ ନିଜେ ମଧ୍ୟ ଚାହୁଁ ନାହାନ୍ତି ଲକ୍ଷ୍ମଣାନନ୍ଦ ହତ୍ୟାକାରୀ ଯଥାଶୀଘ୍ର ଧରାପଡନ୍ତୁ ଓ ଏକ ଅଶ୍ୱସ୍ତିକର ପର୍ଯ୍ୟାୟର ଅବସାନ ଘଟୁ ।

## ଜାଲ୍ ପ୍ରମାଣପତ୍ରର ଯାଞ୍ଚ

ଜାଲ୍ ପ୍ରମାଣପତ୍ର ହାସଲ କରି ବିଭିନ୍ନ ସରକାରୀ ସୁବିଧାସୁଯୋଗ ହାସଲ କରିବା ଏକ ଜାତୀୟ ସମସ୍ୟା, ଯାହାକି କେବଳ କନ୍ଧମାଳରେ ସୀମିତ ନୁହେଁ, ଏବଂ ଏହାର ଏକ ସୁବିଚାରିତ ଏବଂ ଦୀର୍ଘସ୍ଥାୟୀ ସମାଧାନ ଆବଶ୍ୟକ । କିଏ ନଜାଣେ ବହୁ ସ୍ୱଚ୍ଛଳ ବ୍ୟକ୍ତି ବି.ପି.ଏଲ୍. ପ୍ରମାଣପତ୍ର ହାସଲ କରିଛନ୍ତି ଓ ଅନ୍ୟପକ୍ଷରେ ପ୍ରକୃତ ବି.ପି.ଏଲ୍. ଲୋକ ଏଥିରୁ ବଞ୍ଚିତ ହୋଇଛନ୍ତି; କିଏ ନଜାଣେ ବହୁ ଅଣବୃଦ୍ଧ ବ୍ୟକ୍ତି ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ବେଳେ ପ୍ରକୃତ ବୃଦ୍ଧ ଏଥିରୁ ବଞ୍ଚିତ ହେଉଛନ୍ତି ; କିଏ ନଜାଣେ ବିଭିନ୍ନ ଅଞ୍ଚଳରେ ଆର୍.ଆଇ.କୁ ଧରି ବାସସ୍ଥାନ, ଆୟ ଏବଂ ଜାତି ବିଷୟରେ ଜାଲ୍ ସାର୍ଟିଫିକେଟ୍ ହାସଲ କରାଯାଉଛି ଏବଂ ଶିକ୍ଷା ଓ ଚାକିରୀ କ୍ଷେତ୍ରରେ ଜନ୍ମ ତାରିଖ ଓ ପାସ୍ ସାର୍ଟିଫିକେଟ୍ ତଥା ମାର୍କସିଟ୍ ଇତ୍ୟାଦିକୁ ଜାଲ୍ କରାଯାଉଛି ? ଏଥିପାଇଁ ଆମର ଶାସନବ୍ୟବସ୍ଥାରେ ପ୍ରମାଣପତ୍ର ନିର୍ଗମନ ବ୍ୟବସ୍ଥାରେ କେତେକ ମୌଳିକ ତୃଟି ରହିଛି, ଯାହାର ଏକ ସ୍ଥାୟୀ ସମାଧାନ ପାଇଁ ଦୀର୍ଘକାଳୀନ ଉଦ୍ୟମ ଦରକାର । କନ୍ଧମାଳ କଥା ବିଚାର କଲେ ଆମେ ଏହା ଦେଖୁଯେ, ଓଡିଶା ଧାର୍ମିକ ସ୍ୱାଧୀନତା ଆଇନ୍ ୧୯୬୭ ଓ ନିୟମାବଳୀ ୧୯୮୯ ଅନୁଯାୟୀ ଗୋଟିଏ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ କାର୍ଯ୍ୟାଳୟରେ ଧର୍ମାନ୍ତରିତ ବ୍ୟକ୍ତିମାନଙ୍କର ତାଲିକା ରହିବା କଥା ଓ ସେହି ତାଲିକା ପ୍ରତିମାସରେ ରାଜ୍ୟସରକାରଙ୍କ ପାଖକୁ ପଠାଯିବା କଥା, ଯାହା ଫଳରେ କେତେଜଣ ବ୍ୟକ୍ତି ଧର୍ମାନ୍ତରିତ ହେଲେ ତାହା ଜଣାପଡିବ । କିନ୍ତୁ ଏହି ବ୍ୟବସ୍ଥା କନ୍ଧମାଳ କି ଓଡିଶାରେ ମୋଟେ କାର୍ଯ୍ୟ କରୁନାହିଁ । ତେଣୁ ପ୍ରଶ୍ନ ଉଠୁଛି, ଏହା କିପରି କାର୍ଯ୍ୟକାରୀ ହୋଇପାରିବ ? ଯେପର୍ଯ୍ୟନ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ଓ ରାଜ୍ୟସରକାରଙ୍କ ସ୍ତରରେ ଏହି ଆଇନ୍‌ଗତ ବ୍ୟବସ୍ଥା କାର୍ଯ୍ୟକାରୀ ନହୋଇଛି ସେପର୍ଯ୍ୟନ୍ତ କେବଳ ଆର୍.ଆଇ.କୁ ଜାଲ୍ ପ୍ରମାଣପତ୍ର ଯାଞ୍ଚ କରିବା ଦାୟିତ୍ୱ ଦେଇଦେଲେ ସେ କ'ଣ ଏହା କରିପାରିବ ? ସର୍ବୋପରି ଏହା ମୁଖ୍ୟମନ୍ତ୍ରୀଙ୍କ ପ୍ୟାକେଜ୍‌ର ମାସିକିଆ କାର୍ଯ୍ୟକ୍ରମ ବଳରେ କଦାପି ସମ୍ଭବ ନୁହେଁ ।

## ଦୁର୍ବୃତ୍ତଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ

ସରକାରୀ ବୟାନ୍ ଓ ଗଣମାଧ୍ୟମରେ କନ୍ଧମାଳର ଦଙ୍ଗା ସମ୍ବନ୍ଧରେ ତୁହାକୁ ତୁହା କୁହାଯାଉଛି ଯେ, ଏହା ଖ୍ରୀଷ୍ଟିଆନ୍ ପାଣ ଓ ହିନ୍ଦୁ କନ୍ଧ ମଧ୍ୟରେ ଜାତିଗତ ଓ ଧର୍ମଗତ ଦ୍ୱନ୍ଦରୁ ସୃଷ୍ଟି ହୋଇଛି, ଯାହାକି ଏକ ନିରାଟ ଭ୍ରମ । ଜଣେ ସାଧାରଣ କନ୍ଧ ଓ ସାଧାରଣ ଖ୍ରୀଷ୍ଟିଆନ୍‌ଙ୍କୁ ପଚାରିଲେ ପ୍ରକୃତ ସତ୍ୟ ପଦାକୁ ଆସିଯିବ । ଜାତିଗତ ଓ ଧର୍ମଗତ ଦ୍ୱନ୍ଦ ଛଡା ବିଭିନ୍ନ ପ୍ରକାର ସାଂପ୍ରଦାୟିକ ବୈଷମ୍ୟ ଭାରତର ପ୍ରତି ପୁରପଲ୍ଲୀରେ ଭରିରହିଛି ଏବଂ ତାକୁ କେନ୍ଦ୍ରକରି ବେଳେବେଳେ ଦଙ୍ଗା ଘଟିଥାଏ ଓ କିଛିଦିନ ପରେ ପୁଣି ସଦ୍‌ଭାବ ଫେରିଥାଏ । ଏହାହିଁ ତ କେଉଁ ଅନାଦି କାଳରୁ ଭାରତବର୍ଷର ବୈଚିତ୍ର୍ୟ ଓ ଏହାହିଁ ଆମ ସମ୍ବିଧାନର ଧାରା ୨୫ (ବିବେକର ସ୍ୱାଧୀନତା, ଓ ଧର୍ମ ଗ୍ରହଣ, ପ୍ରଚାର ଓ ଆଚରଣ କରିବାର ସ୍ୱାଧୀନତା)ରେ ଅତ୍ୟନ୍ତ ସୁସ୍ପଷ୍ଟ ଭାଷାରେ ଅଙ୍ଗୀକୃତ । କିନ୍ତୁ କନ୍ଧମାଳରେ ଦଙ୍ଗା କାହିଁକି ଥମୁନି ? ଏହାର ପ୍ରକୃତ କାରଣ ହେଉଛି, କିଛି ଉଗ୍ର ହିନ୍ଦୁତ୍ୱବାଦୀ ଗୋଷ୍ଠୀ ଯେଉଁମାନେ କି ବୈଚିତ୍ର୍ୟମୟ ଭାରତବର୍ଷର ସ୍ୱରୂପକୁ ବୁଝିନାହାନ୍ତି କି ସମ୍ବିଧାନର ଏହି ଅଙ୍ଗୀକାରରେ ବିଶ୍ୱାସ କରନ୍ତି ନାହିଁ ସେମାନେ ଲକ୍ଷ୍ମଣାନନ୍ଦ ହତ୍ୟାପରେ ଯୋଜନା କରି କନ୍ଧମାଳକୁ ଆସି କିଛି ସ୍ଥାନୀୟ ବେପାରୀ ଓ ଠିକାଦାର (ଯେଉଁମାନେ କି କନ୍ଧ ନୁହଁନ୍ତି କି ପାଣ ନୁହଁନ୍ତି ଅଥଚ ଅନ୍ୟ ଜିଲ୍ଲାରୁ ଆସି ଏଠାରେ ବସତି କରିଛନ୍ତି)ଙ୍କୁ ନିଜ ପଟକୁ ନେଇ ସାଧାରଣ କନ୍ଧମାନଙ୍କୁ ମତାଇ ଏହି ଦଙ୍ଗାକୁ ଜୀଆଇଁ ରଖିଛନ୍ତି ଏବଂ ଲୁଟ୍ କରାଯାଉଥିବା ମାଲମତାକୁ ନିଜେ ହାତେଇ ନେଉଛନ୍ତି । ଅଥଚ ଯେତେବେଳେ ପୋଲିସ୍ ତରଫରୁ ଦଙ୍ଗାକାରୀଙ୍କ ଉପରେ ଲାଠିଗୁଳି ଚାଲୁଛି ସେତେବେଳେ ସାଧାରଣ କନ୍ଧମାନେ ହିଁ ବଳି ପଡୁଛନ୍ତି । ଏକଥା ବର୍ତ୍ତମାନ ଜଣାଶୁଣା ଯେ, ଦଙ୍ଗାକାରୀମାନେ ଅନେକ ଜିପ୍, ମାଟାଡୋର୍ ଇତ୍ୟାଦି ଗାଡି, ପେଟ୍ରୋଲ୍, କିରୋସିନୀ, ବୋମା ଓ ବନ୍ଧୁକ ଇତ୍ୟାଦି ବ୍ୟବହାର କରୁଛନ୍ତି ଏବଂ ପ୍ରତି ଦଙ୍ଗା ପାଇଁ ବିପୁଳ ଅର୍ଥରାଶି ଖଟାଉଛନ୍ତି; ସାଧାରଣ କନ୍ଧମାନେ ଏସବୁ ପାଇବେ କେଉଁଠୁ ? ପୁଣି ଏକଥା ପୋଲିସ୍ ଓ ସ୍ଥାନୀୟ ଲୋକେ ଭଲ ଭାବେ ଜାଣିଛନ୍ତି, ଦୁର୍ବୃତ୍ତମାନେ ଦଙ୍ଗା ଘଟାଉଥିବା ବେଳେ 'ଜୟ ବଜରଙ୍ଗ୍‌ବଲି' ଧ୍ୱନି ଦେଉଛନ୍ତି । ଏହି ବହିରାଗତ ଦୁର୍ବୃତ୍ତମାନେ ଭଲକରି ଜାଣିଛନ୍ତି ଯେ, ମାଓବାଦୀମାନେ ଲକ୍ଷ୍ମଣାନନ୍ଦଙ୍କୁ ମାରିଛନ୍ତି, କିନ୍ତୁ ସେମାନଙ୍କର ସଂକୀର୍ଣ୍ଣ ହିନ୍ଦୁତ୍ୱବାଦୀ ସ୍ୱାର୍ଥ ପାଇଁ ସେମାନେ ହିଁ ସଂଗଠିତ ଭାବେ କନ୍ଧମାନଙ୍କ ଭିତରେ ଗୁଜବ ପ୍ରଚାର କରିଛନ୍ତି ଯେ, ସ୍ୱାମୀଜୀଙ୍କୁ ଖ୍ରୀଷ୍ଟିଆନ୍‌ମାନେ ମାରିଦେଲେ । ବିଡମ୍ବନା ହେଉଛି, ବେଶ୍ କିଛି କନ୍ଧଲୋକେ ଏକଥାକୁ ବିଶ୍ୱାସ କରିନେଲେ ଏବଂ ଦୁର୍ବୃତ୍ତମାନଙ୍କ ସୁପରିକଳ୍ପିତ ଖ୍ରୀଷ୍ଟଆନ୍-ନିଧନ ଅଭିଯାନରେ ସାମିଲ୍ ହୋଇଗଲେ । ଯଦି ରାଜ୍ୟ ସରକାର ନିଜେ ବା ସି.ବି.ଆଇ. ଦ୍ୱାରା ତଦନ୍ତ କରାଇ 'ମାଓବାଦୀ ହତ୍ୟାକାରୀ' ତତ୍ତ୍ୱକୁ ସାବ୍ୟସ୍ତ କରିପାରିଥାନ୍ତେ, ତେବେ ସାଧାରଣ କନ୍ଧମାନଙ୍କୁ ଏହି ଦୁର୍ବୃତ୍ତଗଣ ଖ୍ରୀଷ୍ଟିଆନ୍-ମାରଣ ଅଭିଯାନରେ ସାମିଲ୍ କରିବାରେ ସଫଳ ହୋଇନଥାନ୍ତେ । କିନ୍ତୁ ବଡ କ୍ଷୋଭର ବିଷୟ, ପୋଲିସ୍ ଓ ପ୍ରଶାସନ ତରଫରୁ ଏହି ବହିରାଗତ ହିନ୍ଦୁତ୍ୱବାଦୀ ଦୁର୍ବୃତ୍ତ ଏବଂ ସ୍ଥାନୀୟ ଅଣକନ୍ଧ ଓ ଅଣ-ପାଣ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କୁ ଗିରଫ କରିବା, ସେମାନଙ୍କ ଗାଡି ଓ ମାରଣାସ୍ତ୍ର ଇତ୍ୟାଦିକୁ ଜବତ କରିବା ଓ ଲୁଟ୍ ହୋଇଥିବା ସାମଗ୍ରୀକୁ ପୁନରୁଦ୍ଧାର କରିବାରେ ମୋଟେ ଉଦ୍ୟମ ହୋଇନାହିଁ କହିଲେ ଚଳେ । ତେଣୁ ମୁଖ୍ୟମନ୍ତ୍ରୀ ପ୍ରକୃତରେ ଯଦି କନ୍ଧମାଳରେ ଶାନ୍ତି ଫେରାଇବାକୁ ଚାହୁଁଥାନ୍ତି ତେବେ ଲକ୍ଷ୍ମଣାନନ୍ଦ ହତ୍ୟାର ସି.ବି.ଆଇ. ତଦନ୍ତ ସହିତ ଦଙ୍ଗାର ଅସଲ ଖଳନାୟକ ଏହି ଦୁର୍ବୃତ୍ତ ଗୋଷ୍ଠୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ କରିବେ କି ?

Chitta Behera, 4A Jubilee Tower, Choudhury Bazar, Cuttack-9, Mobile- 9437577546, Dt. 1st Oct. 2008